# ରେଭେନ୍‌ସା କଲେଜ ଓ ବିଧାନସଭା

୨୮/୦୩/୨୦୦୪

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ରେଭେନ୍‌ସା କଲେଜ ଓ ଓଡ଼ିଶା ବିଧାନସଭା; ଏ ଦୁଇଟି ଆମର ଗୁରୁତ୍ୱପୂର୍ଣ୍ଣ ଜାତୀୟ ଅନୁଷ୍ଠାନ । ଏବେ ଆମ ଜାତୀୟ ଅନୁଷ୍ଠାନଗୁଡ଼ିକ ଅବକ୍ଷୟମୁଖୀ ହେଉଛନ୍ତି ବୋଲି ଆମେ ସମସ୍ତେ ଦୁଃଖ ପ୍ରକାଶ କରୁଛୁ। ତେବେ ଏ ଅବକ୍ଷୟକୁ ରୋକିବା ପାଇଁ କେହି କେବେ ଉଦ୍ୟମ କରୁନାହିଁ । ରେଭେନ୍‌ସା କଲେଜ ଓ ବିଧାନସଭାର ଉଦାହରଣ ନେଲେ ଏହା ଅଧିକ ସ୍ପଷ୍ଟ ହେବ।

ଓଡ଼ିଶାର ଜାତୀୟ ଜୀବନରେ ରେଭେନ୍‌ସା କଲେଜର ସ୍ୱାକ୍ଷର ବେଶ୍ ଉଜ୍ଜ୍ୱଳ । ଦିନ ଥିଲା, କୁହାଯାଉଥିଲା anybody in Ravenshaw is somebody in Odisha - ରେଭେନ୍‌ସାର ଯେକୌଣସି ଛାତ୍ର ଓଡ଼ିଶାର ଜଣେ ସ୍ୱୀକୃତ ବ୍ୟକ୍ତିତ୍ୱ । ଏପରିକି ବିଶ୍ୱର ଯେ କୌଣସି ସ୍ଥାନରୁ ଖଣ୍ଡିଏ ପୋଷ୍ଟକାର୍ଡ଼ରେ କେବଳ ରେଭେନ୍‌ସା କଲେଜ ଲେଖି ପକାଇ ଦେଲେ ତାହା ରେଭେନ୍‌ସା କଲେଜରେ ପହଞ୍ଚି ଯାଉଥିଲା । ୧୩୫ ବର୍ଷର ପୁରୁଣା ଏଇ ନାଲିକୋଠା କେତେ ଯେ ଓଡ଼ିଆ ପ୍ରତିଭାଙ୍କୁ ତିଆରି କରିଛି ତା'ର ହିସାବ ନାହିଁ । ଆଜି ଏ ଅନୁଷ୍ଠାନର ଅବସ୍ଥା କ'ଣ ହୋଇଛି? ସରକାର ଅବଶ୍ୟ ଏହାକୁ ଏକ ସ୍ୱୟଂଶାସିତ ମହାବିଦ୍ୟାଳୟ ବୋଲି ଘୋଷଣା କରିଛନ୍ତି । କିନ୍ତୁ ବିଚାର କରିବାର କଥା ଯେ ଏଥିପାଇଁ ଏହା ଯୋଗ୍ୟ କି? ଏବେ ସରକାର ଏହାକୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାପାଇଁ ଯୋଜନା କରୁଛନ୍ତି। ତେବେ ମନେ ରଖିବାକୁ ହେବ ଯେ ୧୯୯୯ ମସିହାରେ ରେଭେନ୍‌ସା କଲେଜ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ନିମନ୍ତେ ଯୋଗ୍ୟ କି ନୁହେଁ ତାହା ଜାଣିବାପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଏକ କମିଟି ଆସିଥିଲେ । ସେମାନେ ଯେଉଁ ରିପୋର୍ଟ ଏବଂ ମନ୍ତବ୍ୟ ଦେଇଥିଲେ ସେ ସମ୍ପର୍କରେ ଆଲୋଚନା କରିବାପାଇଁ ଲାଜ ଲାଗୁଛି । ଅନ୍ୟ ମନ୍ତବ୍ୟମାନଙ୍କ ମଧ୍ୟରୁ ଗୋଟିଏ ଦୁଇଟି ଅତ୍ୟନ୍ତ ଦୁଃଖଦାୟକ ଥିଲା । ତାହା ଥିଲା- ଏହାର ଅଧ୍ୟାପକ ଅଧ୍ୟାପିକାମାନଙ୍କର ଇଂରାଜୀରେ ଭାବର ଆଦାନପ୍ରଦାନ କରିବାର ସାମର୍ଥ୍ୟ ଅପେକ୍ଷାକୃତ କମ୍ ଏବଂ ଏହି କଲେଜର ପରିବେଶ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଅନୁକୂଳ ନୁହେଁ । ଯେଉଁ କଲେଜରେ ଏକଦା ଗୋଦାବରୀଶ ମିଶ୍ରଙ୍କ ପରି ଇଂରାଜୀରେ ପ୍ରବୀଣ ଛାତ୍ର ଥିଲେ, ଭିଭି ଜନ୍ ଓ ଓବ୍ରାଇନ୍ ସାହେବଙ୍କ ପରି ଅଧ୍ୟାପକ ଥିଲେ ଏବଂ ପ୍ରଫେସର ବିଧୁଭୂଷଣ ଦାସଙ୍କ ପରି ଅଧ୍ୟକ୍ଷ ଥିଲେ ସେହି କଲେଜର ଅଧ୍ୟାପକ ଅଧ୍ୟାପିକାମାନେ ଆଜି ଇଂରାଜୀରେ ଭାବର ଆଦାନପ୍ରଦାନ କରିବାପାଇଁ ଯଥେଷ୍ଟ ସମର୍ଥ ନୁହନ୍ତି । ଯେଉଁ କଲେଜରେ ପ୍ରାଣକୃଷ୍ଣ ପରିଜା ଉଦ୍ଭିଦ ବିଜ୍ଞାନରେ ଗବେଷଣା କରି ବିଶ୍ୱବିଖ୍ୟାତ ହୋଇଥିଲେ, ତାହା ଆଜି ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ପାଇଁ ଯୋଗ୍ୟ ନୁହେଁ। ରେଭେନ୍‌ସା କଲେଜର ଛାତ୍ରନେତାମାନେ ମଧ୍ୟ କିଛି କମ୍ ଗୌରବମୟ ଇତିହାସ ସୃଷ୍ଟି କରି ନାହାନ୍ତି। ସ୍ୱାଧୀନତା ସଂଗ୍ରାମ କାଳରେ ରେଭେନ୍‌ସା କଲେଜର ଛାତ୍ରନେତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇଥିଲେ । ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ମନମୋହନ ମିଶ୍ରଙ୍କ ନେତୃତ୍ୱରେ ଓ୍ୱେଷ୍ଟ୍ ହଷ୍ଟେଲରେ 'ୟୁନିଅନ୍ ଜାକ୍' ପତାକାକୁ ଓହ୍ଲାଇ ଦିଆଯାଇ ଜାତୀୟ ପତାକା ଉତ୍ତୋଳନ କରିବାର ସୁବର୍ଣ୍ଣ ମୁହୂର୍ତ୍ତ ଏବେ ମଧ୍ୟ ଇତିହାସରେ ଲିପିବଦ୍ଧ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମଧ୍ୟ ରେଭେନ୍‌ସା କଲେଜର ଛାତ୍ର ଥିଲେ ଏବଂ ଏହି ରେଭେନ୍‌ସା କଲେଜରୁ ଖେଳୁଆଡ଼ ମନୋବୃତ୍ତି ନେଇ ସେ ସାଇକେଲରେ ପେଶୱାର ଯାତ୍ରା କରିଥିଲେ । ଏହିଭଳି ଗୌରବମୟ ଇତିହାସର ସ୍ୱାକ୍ଷର ବହନ କରୁଥିବା ଅନୁଷ୍ଠାନର ଆଜି କି ଅବସ୍ଥା ହୋଇଛି? କିଛି ଛାତ୍ରନେତା କଲେଜ ପରିସରରେ ହେଉଥିବା ଏକ ଆଲୋଚନାଚକ୍ର ଅବସରରେ ମାନ୍ୟବର ଶିକ୍ଷାମନ୍ତ୍ରୀଙ୍କୁ କିଛି ଦାବି ସମ୍ବଳିତ ଏକ ସ୍ମାରକପତ୍ର ଦେବାକୁ ଚାହିଁଲେ । ଅଧ୍ୟକ୍ଷ ମହୋଦୟ କେଜାଣି କାହିଁକି ଏଥିପାଇଁ ସେମାନଙ୍କୁ ଅନୁମତି ଦେଲେ ନାହିଁ । ଛାତ୍ରନେତାମାନେ ଉତକ୍ଷିପ୍ତ ହେଲେ। ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ମନ୍ତ୍ରୀଙ୍କର ମୁର୍ଦାବାଦ ଧ୍ୱନି ଦେଇ ଚାଲିଗଲେ । ଛାତ୍ରନେତାଙ୍କର ଏତାଦୃଶ ଅଶୋଭନୀୟ ବ୍ୟବହାର ନିଶ୍ଚିତ ଭାବରେ କ୍ଷମଣୀୟ ନୁହେଁ । ଅଧ୍ୟକ୍ଷ ମହୋଦୟ କଲେଜର ଶୃଙ୍ଖଳା କମିଟିର ସୁପାରିଶ କ୍ରମେ ଷ୍ଟାଫ୍ କାଉନ୍‌ସିଲ୍‌ର ଅନୁମୋଦନ ନେଇ ଛାତ୍ର ନେତାମାନଙ୍କୁ ଗୋଟିଏ ବର୍ଷ ପାଇଁ କଲେଜରୁ ନିଲମ୍ବନ କଲେ । ଗୋଟିଏ ଦୃଷ୍ଟିରୁ ବିଚାର କଲେ ଏହା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ । ଅଧ୍ୟାପକ ଅଧ୍ୟାପିକାମାନେ ମଧ୍ୟ ଏ ପ୍ରକାର ପ୍ରସ୍ତାବକୁ ଅନୁମୋଦନ କରି ଯେଉଁ ସାହସ ପ୍ରଦର୍ଶନ କଲେ ସେଥିପାଇଁ ଆମ ସମସ୍ତଙ୍କର ଅଭିନନ୍ଦନର ପାତ୍ର । କିନ୍ତୁ ଅନ୍ୟପକ୍ଷରେ ପୁଣି ଯେଉଁ ପରିସ୍ଥିତିରେ ଏବଂ ଯେପରି ଭାବରେ ଅଧ୍ୟକ୍ଷ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରି ନେବାପାଇଁ ରାଜି ହୋଇଗଲେ, ନିଜେ ପକାଇଥିବା ଛେପକୁ ପୁଣି ନିଜେ ଚୋକି ନେଲେ, ତାହା ଆମକୁ ଅଧିକ ବିସ୍ମିତ କରୁଛି । ପ୍ରଥମରୁ ତାଙ୍କର ନିଲମ୍ବନ ଆଦେଶ ହିଁ ଯେ ମନ୍ତ୍ରୀଙ୍କୁ ଖୁସି କରିବା ପାଇଁ ଅଭିପ୍ରେତ ଥିଲା ଏହା ସ୍ପଷ୍ଟ ହୋଇଯାଉଛି । ପରେ ପ୍ରତ୍ୟାହାର ଆଦେଶ ଯେ ପରିସ୍ଥିତିର ଚାପରେ ମୁଖ୍ୟମନ୍ତ୍ରୀଙ୍କୁ ଖୁସି କରିବା ପାଇଁ କରାଗଲା ଏଥିରେ କିଛି ସନ୍ଦେହ ରହୁନାହିଁ । ଏକ ସ୍ୱୟଂଶାସିତ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକାମାନଙ୍କ ପକ୍ଷରେ ଏହା ଆଦୌ ଶୋଭନୀୟ ହେଉନାହିଁ । ତେବେ ବଦଳି ପୀଡ଼ିତ ଅଧ୍ୟାପକ ଅଧ୍ୟାପିକାମାନଙ୍କଠାରୁ ଅଧିକ କ'ଣ ବା ଆଶା କରାଯାଇପାରେ?

ସେହିପରି ଓଡ଼ିଶା ବିଧାନସଭା । ଆମ ଗଣତନ୍ତ୍ରର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ । ତେବେ ଏ ଅନୁଷ୍ଠାନ ସମ୍ପର୍କରେ କୌଣସି ଅନାସକ୍ତ ଆଲୋଚନା କରିବା ଅନେକ ସମୟରେ ସମ୍ଭବ ହେଉନାହିଁ । ମାନ୍ୟବର ବିଧାୟକମାନଙ୍କୁ ବହୁ ସୁବିଧା ସୁଯୋଗ ସହିତ ସ୍ୱାଧିକାର ମଧ୍ୟ ମିଳିଛି । ବିଧାନସଭା ମଧ୍ୟରେ ସେମାନଙ୍କର ଆଚରଣ ସମ୍ପର୍କରେ କୌଣସି ଆଲୋଚନା କଲେ ବା ମନ୍ତବ୍ୟ ଦେଲେ ସଙ୍ଗେ ସଙ୍ଗେ ସ୍ୱାଧିକାର ଭଙ୍ଗ କଥା ଉଠୁଛି । ତେବେ ପ୍ରଶ୍ନ ଉଠୁଛି ବିଧାନସଭା ମଧ୍ୟରେ ସ୍ୱାଧିକାରର ଆଳରେ ଆମର ମାନ୍ୟବର ସଭ୍ୟ ସଭ୍ୟାମାନେ ଯାହା କହିବେ ବା କରିବେ ସେ ସମ୍ପର୍କରେ କ'ଣ କେହି ପ୍ରଶ୍ନ ଉଠାଇବେ ନାହିଁ ? ଏବେ ତ ଦୂରଦର୍ଶନର ସୌଜନ୍ୟରୁ ବିଧାନସଭା ଭିତରେ ଯାହା ସବୁ ଘଟୁଛି ତାହା ଆମେ ନିଜେ ଆଖିରେ ଦେଖୁଛୁ , ଯେଉଁ ଭାଷା ବ୍ୟବହାର କରାଯାଉଛି ତାହା ଆମେ ନିଜ କାନରେ ଶୁଣୁଛୁ । ଯେତେବେଳେ ଦୂରଦର୍ଶନ ନ ଥିଲା ସେତେବେଳେ ବିଧାନସଭା ବିବରଣୀ ଉପସ୍ଥାପନ କରିବା ଛାପା ଗଣମାଧ୍ୟମର ଏକ ଗୁରୁ ଦାୟିତ୍ୱ ଥିଲା । ବିବରଣୀ ଉପସ୍ଥାପନ କଲାବେଳେ ଛାପା ଗଣମାଧ୍ୟମକୁ ମର୍ଯ୍ୟାଦା ଭିତରେ ରହିବାକୁ ପଡ଼େ । ଏହି ପରମ୍ପରାକୁ ଏବେ ମଧ୍ୟ ଆମେ ଅତୁଟ ରଖିଛୁ । ତେବେ ବିଡ଼ମ୍ବନାର ବିଷୟ ଏହି ଯେ, ଆମେ ଯାହା ଆଖିରେ ଦେଖୁଛୁ ବା କାନରେ ଶୁଣୁଛୁ ତାକୁ ହାତରେ ଲେଖି ପାରିବୁ ନାହିଁ । ଲୋକସଭାଠାରୁ ଆରମ୍ଭ କରି ବିଧାନସଭାଗୁଡ଼ିକରେ କ୍ରମେ କ୍ରମେ ବଢି ଚାଲିଥିବା ଅବ୍ୟବସ୍ଥା ଏବଂ ଅଶୋଭନୀୟ ଆଚରଣକୁ ରୋକିବା ପାଇଁ ସର୍ବୋଚ୍ଚ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି । ଅଯଥାରେ ବିଧାନସଭାର ମୂଲ୍ୟବାନ ସମୟ ନଷ୍ଟ କରିବା ନାହିଁ , ଛୋଟ ଛୋଟ କଥାରେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିବା ନାହିଁ , କୌଣସି ପରିସ୍ଥିତିରେ ପ୍ରଶ୍ନକାଳ ବାତିଲ ହେବ ନାହିଁ ଇତ୍ୟାଦି ଇତ୍ୟାଦି ସଂକଳ୍ପ ନିଆଯାଉଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ହେଉଛି କ'ଣ? ଯେଉଁ ଆଚରଣ ବିଧାନସଭାରେ ପ୍ରଦର୍ଶିତ ହେଉଛି ଏବଂ ଯେଉଁ ଭାଷା ବ୍ୟବହାର କରାଯାଉଛି ତାହା ସାଧାରଣରେ ଗ୍ରହଣୀୟ ନୁହେଁ । ରେଭେନ୍‌ସା କଲେଜ ଓ ବିଧାନସଭାକୁ ନେଇ ଗତ ସପ୍ତାହରେ ଯେଉଁ ଘଟଣା ସବୁ ଘଟି ଯାଇଛି ତାହା ଏହି ପରିପ୍ରେକ୍ଷୀରେ ପ୍ରଣିଧାନଯୋଗ୍ୟ । ରେଭେନ୍‌ସା କଲେଜର ଛାତ୍ରନେତାମାନଙ୍କର ଆଚରଣ ଯଦି ଶୋଭନୀୟ ନୁହେଁ, ବିଧାନସଭାର ମାନ୍ୟବର ବିଧାୟକମାନଙ୍କର ଆଚରଣ ଶୋଭନୀୟ ହେବ କିପରି? କିନ୍ତୁ ଏକଥା ତାଙ୍କୁ ବୁଝାଇବ କିଏ? କଥାରେ ଅଛି- 'ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ଲୋକଙ୍କୁ ଉତ୍ତର ନାହିଁ ।'